# ସଡକ ସୁରକ୍ଷାକୁ ନେଇ ସଂସଦୀୟ ନିର୍ବାଚନୀ ମଣ୍ଡଳୀ ବୈଠକ ।

**ଅନୁଗୋଳ, ତା.୦୧.୧୧:-** ଜିଲ୍ଲାରେ ବିଭିନ୍ନ ସଡକର ମରାମତି , ପରିଚାଳନା ଓ ନିର୍ମାଣକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଢେଂକାନାଳ ସାଂସଦ ଶ୍ରୀ ମହେଶ ସାହୁଙ୍କ ଅଧ୍ୟକ୍ଷ ତାରେ ଅନୁଷ୍ଠିତ ହୋଇଯାଇଛି । ରାସ୍ତାରେ ଦିନକୁ ଦିନ ଘଟୁଥିବା ଦୁର୍ଘଟଣାକୁ ନିୟନ୍ତ୍ରଣ କରିବା ନିମନ୍ତେ ସଡକ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ Enforcement କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସାଂସଦ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥି ତ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ସଡକ ସୁରକ୍ଷା ଆଇନକୁ କଡା କଡି କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର ବୈଠକର କାର୍ଯ୍ୟସୂଚୀ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାରେ ୬ ଗୋଟି ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଛି । ଉକ୍ତ ସ୍ଥାନ ଗୁଡିକରେ ଆବଶ୍ୟକ ସାଂକେତିକ ଚିହ୍ନ ଲଗାଇବାକୁ ସାଂସଦ ପରାମର୍ଶ ଦେଇଛନ୍ତି । ଏହି ୬ ଗୋଟି ବ୍ଲାକ୍ ସ୍ପଟ୍ ଗୁଡିକ ଲୁହାମୁଣ୍ଡା, ବଇଣ୍ଡା, କତଡା, ତୁବେ, ପଞ୍ଚମହଲା ଓ କାଲିଟାକ୍ସ । ମଦ୍ୟପାନ କରି ଗାଡି ଚଳାଉ ଥିବା ଗାଡି ଚାଳକମାନଂକୁ ଧରିବା ପାଇଁ ଏଥର ସ୍ୱତନ୍ତ୍ର ସ୍କାର୍ଡ ଗଠନ କରାଯାଇ ଏଥିରେ ପୋଲିସ ଓ ଡାକ୍ତରଂକୁ ନିୟୋଜିତ କରାଯାଇଛି । ଏହି ସ୍କାଡ ରାତି ୧୨ ଘଟିକାରୁ ରାତି ୨ ଘଟିକା ପର୍ଯ୍ୟନ୍ତ ପେଟ୍ରୋଲିଂ କରିବେ । ତାଳଚେର ଲିଂଗରାଜ ଛକ ଠାରୁ ବହ୍ଲର ଛକ ମଧ୍ୟରେ କୌଣସି ଗାଡି ପାର୍କିଂ କରିପାରିବେ ନାହିଁ । ଏହାଛଡା ତାଳଚେରରେ ଏକ ଟ୍ରକ ଟର୍ମିନାଲ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ରାସ୍ତାରେ ଗାଇ ଗୋରୁ ବାରମ୍ବର ବୁଲା ବୁଲି କରିବା ଦ୍ୱାରା ଅନେକ ସମୟରେ ଦୁର୍ଘଟଣା ଘଟୁଛି । ତାଳଚେର ଓ ଅନୁଗୋଳରେ ଗୋଟିଏ ଲେଖାଏଁ ଗାଡି ଗାଇ ଗୋରୁଂକୁ ଉଠାଇ ଅନ୍ୟତ୍ର ଛାଡିବାକୁ ସ୍ଥିର କରାଗଲା । ବୈଠକ ଶେଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ବିଶ୍ୱ ରଞ୍ଜନ ରଥ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

